# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 April - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀମାନଙ୍କର ବିଶ୍ୱସ୍ତରୀୟ ଜ୍ଞାନ ଆହରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

— ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ କରାଯାଉଛି

- ଖେଳ ଓ ମନୋରଞ୍ଜନ ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବାଲାଗି ରାଜ୍ୟର ୪୫ ହଜାର ସ୍କୁଲକୁ ଦିଆଯିବ ଯାଦୁପେଡି

- ଗ୍ରୀଷ୍ମଛୁଟିରେ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିଲେ' ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ; କହିଲେ ଗଣଶିକ୍ଷା ମନ୍ତ୍ରୀ

ଏବଂ

- ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ ନୋଭେର୍‌ଙ୍କୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ନୃତ୍ୟ ଦିବସ

# ପିଏମ୍-ଓ୍ୱାଇୟୁଜିଏମ୍

ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶର ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶର ପ୍ରତ୍ୟେକ ଛାତ୍ରଛାତ୍ରୀ ଯେଭଳି ବିଶ୍ୱସ୍ତରୀୟ ଜ୍ଞାନ ଆହରଣ କରିପାରିବେ ସେ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଜି ଯୁଗ୍ମ ନବସୃଜନ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗୋଟିଏ ମଞ୍ଚରେ ସରକାର, ଶିକ୍ଷାବିତ୍, ଶିଳ୍ପ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରାଯାଇଛି । ସେ କହିଛନ୍ତି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନଙ୍କୁ ପ୍ରସ୍ତୁତ କରିବା ଲାଗି ନୂଆ ଶିକ୍ଷାନୀତି ଦିଗ୍‌ଦର୍ଶନ ଦେବ। ଭାରତର ଭବିଷ୍ୟତକୁ ଜ୍ଞାନ, ସଦିଚ୍ଛା ଏବଂ ପ୍ରଯୁକ୍ତିବିଦ୍ୟା ଶୀର୍ଷସ୍ତରକୁ ନେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଭାରତର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅତ୍ୟାଧୁନିକ କେନ୍ଦ୍ରଗୁଡ଼ିକ ସ୍ଥାପନ କରାଯାଇ ଯୁବପୀଢ଼ିଙ୍କ ମଧ୍ୟରେ ନବସୃଜନାତ୍ମକ ଭାବନା ଉଦ୍ରେକ କରାଯାଉଛି । ଚଳିତବର୍ଷ ବଜେଟ୍‌ରେ ଆଇଆଇଟି ଗୁଡ଼ିକରେ ଆସନ ବୃଦ୍ଧି ନିମନ୍ତେ ସୁପାରିଶ କରାଯାଇଥିବା ଶ୍ରୀ ମୋଦୀ କହିଛନ୍ତି । ଏମ୍‌ସ ସମେତ ଆଇଆଇଟି ଗୁଡ଼ିକରେ ଔଷଧ ସମ୍ବନ୍ଧୀୟ ଅନେକ ଗୁଡ଼ିଏ ପାଠ୍ୟକ୍ରମ ପ୍ରଚଳନ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଯାଦୁପେଡି

ଖେଳ ଓ ମନୋରଞ୍ଜନ ମାଧ୍ୟମରେ ପିଲାମାନଙ୍କୁ ପାଠ ପ୍ରତି ଆକୃଷ୍ଟ କରିବା ପାଇଁ ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯାଦୁପେଡି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶିଶୁବାଟିକା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିଥିଲେ। ଯାଦୁପେଡିରେ ଥିବା ଖେଳନା ଦ୍ୱାରା ଛୋଟଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଂଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଶିଖିପାରିବେ। ଏହି ଯାଦୁପେଡିର ଖେଳନାଗୁଡ଼ିକ ସେମାନଙ୍କୁ ପାଠପ୍ରତି ମଧ୍ୟ ଆକର୍ଷିତ କରିବ। ପ୍ରାୟ ୯୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ହୋଇଥିବା ଏହି ଯାଦୁପେଡି ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ବଣ୍ଟନ କରାଯିବ। ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଛୋଟଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡିର ପରିକଳ୍ପନା କରାଯାଇଛି। ଏନ୍‌ସିଇଆରଟି ଦ୍ୱାରା ପ୍ରସ୍ତୁତ ଯାଦୁପେଡି ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି।

## ଓଜେଇଇ ପରୀକ୍ଷା

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ ଆସନ୍ତା ମେ’ ମାସ ୨ ତାରିଖରୁ ଆରମ୍ଭ ହେବ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତବର୍ଷ ରାଜ୍ୟରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ତିନିଟି ସିଫ୍ଟରେ ପରୀକ୍ଷା ହେବ। ପୂର୍ବାହ୍ଣ ସାଢ଼େ ୮ଟାରୁ ସାଢ଼େ ୧୦ଟା, ଅପରାହ୍ଣ ସାଢ଼େ ୧୨ଟାରୁ ସାଢ଼େ ୨ଟା, ଏବଂ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଏହି

ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ମେ’ ୨ ତାରିଖରେ ତିନିଟି ସିଫ୍ଟରେ ମଧ୍ୟ ବି.ଫାର୍ମା ପରୀକ୍ଷା ହେବ। ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ବେସ୍‌ଡ୍ ଟେଷ୍ଟ-ସିବିଟି ମୋଡ୍‌ରେ ପରୀକ୍ଷା ଦେବେ। ଏହି ପରୀକ୍ଷା ମେ’ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ମନ୍ତ୍ରୀଙ୍କ ତାଗିଦ୍

ନିୟମ ଉଲ୍ଲଙ୍ଘନ କରି ଗ୍ରୀଷ୍ମ ଛୁଟିରେ ଘରୋଇ ଶିକ୍ଷାନୁଷ୍ଠାନ ସ୍କୁଲ ଖୋଲୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବା ଯୋଗୁଁ ପିଲାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ରାଜ୍ୟ ସରକାର ଗତ ୨୬ ତାରିଖଠାରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଖୋଲା ଯାଉଥିବା ଅଭିଯୋଗ ଆସିବା ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି।

## ଗ୍ରୀଷ୍ମପ୍ରବାହ ପ୍ରାଥମିକତା

ରାଜ୍ୟରେ କ୍ରମାଗତ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଜନସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି। ଗ୍ରୀଷ୍ମ ପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି ଖାଦାନ ଥିବା ଅଂଚଳର ଜନସାଧାରଣଙ୍କୁ ଅତିରିକ୍ତ ସମ୍ବଳ ଏବଂ ସୁରକ୍ଷା ଯୋଗାଇଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହ ଆକ୍ରାନ୍ତଙ୍କ ପାଇଁ ସମସ୍ତ ସୁବିଧା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟ ହେଉଛି କଳାର ସୃଜନଶୀଳ ରୂପ, ଯାହା ମନୁଷ୍ୟର ଆଭ୍ୟନ୍ତରୀଣ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହି ବାର୍ତ୍ତା ନେଇ ଆଜି ବିଶ୍ୱରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବର୍ଷ ଅନ୍ତର୍ଜାତୀୟ ନୃତ୍ୟ କମିଟି ଦ୍ୱାରା ଜଣେ ନୃତ୍ୟଗୁରୁ କିମ୍ବା ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଥାଏ । ସେମାନେ ବିଶ୍ୱବାସୀଙ୍କ ପାଇଁ

ପ୍ରେରଣାତ୍ମକ ବାର୍ତ୍ତା ଦେଇଥାଆନ୍ତି, ସେହି ବାର୍ତ୍ତାକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ବିଶ୍ୱସ୍ତରରେ ପ୍ରସାର କରାଯାଇଥାଏ।

ଏ ସମ୍ପର୍କରେ ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଆକାଶବାଣୀକୁ କହିଛନ୍ତି...

**-V/O-***(Gajendra Ku. Panda)*

## ଅଭିଯୋଗ ଶୁଣାଣି

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ପଂଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୯୨ଟି ଅଭିଯୋଗ ମଧ୍ୟରୁ ୧୪ଟି ମାମଲାର ଶୁଣାଣି ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଶୁଣାଣି କରି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**କେନ୍ଦ୍ରାପଡ଼ା** ଜିଲ୍ଲା ଗରଦପୁର ପଂଚାୟତ ସମିତି କାର୍ଯ୍ୟାଳୟରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୪ ଜଣ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୪ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଶୁଣାଣିରେ ମୋଟ୍

୭୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଗୁଡ଼ିକ ମଧ୍ୟରୁ ୬ଟି ସାମୂହିକ ଏବଂ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା।

## ଦକ୍ଷତା ବିକାଶ କର୍ମଶାଳା

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ବନ୍ଦର ମତ୍ସ୍ୟ ପୋତାଶ୍ରୟ ଏବଂ ପାରାଦୀପ ବନ୍ଦର ମିଳିତ ସହଯୋଗରେ ଧାମରାରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ୨ ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମହିଳାମାନେ କିପରି ଆତ୍ମ ନିର୍ଭରଶୀଳ ହୋଇ ସାମୁଦ୍ରିକ ମାଛ, ଚିଙ୍ଗୁଡ଼ିରୁ ମୂଲ୍ୟ ଯୁକ୍ତ ଖାଦ୍ୟ, ଫିସ ଫିଙ୍ଗର, ଫିସ୍ କଟଲେଟ, ଚିଙ୍ଗୁଡ଼ି ମାଛ ଆଚାର, ଚିଙ୍ଗୁଡ଼ି ବଟର ଫ୍ଲାୟେ, ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିପାରିବେ ସେ ନେଇ ତାଲିମ୍ ଦିଆଯାଇଥିଲା। ଆଗାମୀ ଦିନରେ ସରକାର ଏବଂ ଧାମରା ବନ୍ଦର ପକ୍ଷରୁ ପ୍ରୋତ୍ସାହନ ମିଳିଲେ ମହିଳାମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇ ଥିଲା।

## ରବି ଧାନ ସଂଗ୍ରହ

**ସମ୍ବଲପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡିଏଲ୍‌ପିସି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ମେ' ମାସ ୧୪ ତାରିଖରୁ ଚାଷୀମାନଙ୍କଠାରୁ ରବି ଧାନ କିଣିବା ପାଇଁ ସ୍ଥିର ହୋଇଛି। ଚଳିତ ବର୍ଷ ଜିଲ୍ଲାରେ ୫୮ଟି ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି

ନିଆଯାଇଛି। ଧାନ ବିକିବା ପାଇଁ ବର୍ତ୍ତମାନ ସୁଦ୍ଧା ୧୬ ହଜାର ଚାଷୀ ନାମ ପଞ୍ଜୀକରଣ କରିଛନ୍ତି।

## ସଡକ ସୁରକ୍ଷା

**ଢେଙ୍କାନାଳ** ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରି କହିଛନ୍ତି, ଗ୍ରୀଷ୍ମଋତୁରେ ଯାତ୍ରୀବାହି ବସ୍‌ଗୁଡ଼ିକରେ ପାନୀୟ ଜଳ ଓ ଓଆରଏସ୍ ବ୍ୟବସ୍ଥା କରାଯିବ। ସହରର ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ସମସ୍ୟାକୁ ସୁସଂଗଠିତ କରାଯିବ। ଏହାଛଡା ଜାତୀୟ ରାଜପଥ ସମ୍ପର୍କିତ ଟ୍ରାଫିକ୍ ପରିଚାଳନା ସହରରେ ଆଲୋକର ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଥିଲା।

## ଯାଆଁଳ ଉତ୍ପାଦନ

**ଗଞ୍ଜାମ** ଜିଲ୍ଲାର ଭଞ୍ଜନଗର ସ୍ଥିତ ମତ୍ସ୍ୟ ଜାଆଁଳ ଉତ୍ପାଦନ ପ୍ରକଳ୍ପରୁ ଯାଆଁଳ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ଏହି ପ୍ରକଳ୍ପରୁ ପ୍ରାୟ ୪୦ କୋଟି ଗୁଣ୍ଡି ଜାଆଁଳ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିସହ ୪ କୋଟି ୨୦ ଲକ୍ଷ ବଡ଼ଜାଆଁଳ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରୋହି, ଭାକୁର, ମିରିକାଳି, କଳାବଇଁଶୀ, ବିଲାତି ରୋହି ଓ ଗ୍ଲାସ୍ଟି କପ୍ ଭଳି ମାଛ ଯାଆଁଳ ଉତ୍ପାଦନ ହେବ। ଏହି ଯାଆଁଳ ଗଞ୍ଜାମ, ଗଜପତି, ଫୁଲବାଣୀ, ମାଲକାନଗିରି, କୋରାପୁଟ, ନୟାଗଡ଼, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି

ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ପଠାଯାଉଥିବା ହେଚେରି ପରିଚାଳକ ତଥା ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁଶେଖର ସାହୁ ପ୍ରକାଶ କରିଛନ୍ତି।

## ସମବାୟ ଉତ୍ସବ

**କନ୍ଧମାଳ** ଜିଲ୍ଲା ଫୁଲବାଣୀ ପଂଚାୟତ ଭବନରେ ଅନ୍ତର୍ଜାତୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମବାୟ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଭୂମିକା ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ବୌଦ୍ଧ ସମବାୟର ସମସ୍ତ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ଥିଲେ।

## ଜନଜାତି ଜୀବିକା ମିଶନ

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ନବରଙ୍ଗପୁର ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସହଯୋଗରେ ବାରମାସୀ ଗ୍ରାମରେ ଲଙ୍କା ଚାଷ କରାଯାଇଛି। ୪୦ ଜଣ ଜନଜାତି ହିତାଧିକାରୀଙ୍କୁ ୩୦ ଏକର ଚାଷଜମିରେ ଉନ୍ନତ କିଷମ ଲଙ୍କା ବିହନ ପ୍ରଦାନ କରାଯାଇଛିଲା। ମାତ୍ର ଅଧ ଏକର ଜମିରେ ଲଙ୍କା ଚାଷ କରି ଗାଁର ତୁଳାବତୀ ମାଝୀ ଲକ୍ଷପତି ହୋଇପାରିଛନ୍ତି। ବର୍ତ୍ତମାନସୁଦ୍ଧା ତୁଳାବତୀ ୨୦ କୁଇଣ୍ଟାଲ ଲଙ୍କା ବିକ୍ରୀ କରିସାରିଛନ୍ତି।

**-V/O-***(Tulabati)*

# ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ବର୍ଷା ଯୋଗୁଁ ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ସମ୍ଭାବନା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ ଆଜି ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି କଟକ-ଖୋର୍ଦ୍ଧା ସମେତ ୧୮ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

*******************************